# ନାରୀବାଦୀ ସାହିତ୍ୟ ଏକ ପୃଥକ୍ ସତ୍ତା ନୁହେଁ: ପ୍ରତିଭା ରାୟ

## ରାଷ୍ଟ୍ରପତି ଭବନରେ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ




ସାହିତ୍ୟ ସମ୍ମିଳନୀ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର, ୩୦।୫ (ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଚାଲିଥିବା ସାହିତ୍ୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ତିନିଟି ଅଧିବେଶନରେ ଆୟୋଜିତ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ' ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଓଡ଼ିଆ ଲେଖିକା ପ୍ରତିଭା ରାୟ ଯୋଗଦେଇ କହିଲେ, ନାରୀମାନଙ୍କ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ୱର, ବିଶ୍ୱଦୃଷ୍ଟି ଏବଂ ଜୀବନ ପ୍ରତି ଭିନ୍ନ ଦୃଷ୍ଟିକୋଣ ରହିଛି। ନାରୀବାଦୀ ସାହିତ୍ୟ ଏକ ପୃଥକ ସତ୍ତା ନୁହେଁ, ବରଂ ସୃଜନଶୀଳତାର ଏକ ବିବିଧ ପରିପ୍ରକାଶ। ସେ ଓଡ଼ିଆ କବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ସମ୍ପର୍କରେ ଉଲ୍ଲେଖ କରିବା ପୂର୍ବକ ଭାରତରେ ନାରୀବାଦୀ ସାହିତ୍ୟର ମୂଳଦୁଆ ସ୍ଥାପନର ଶ୍ରେୟ ତାଙ୍କୁ ଦେଇଥିଲେ। ହିନ୍ଦୀ ଲେଖିକା ଅନାମିକା କହିଥିଲେ, ଭାରତୀୟ ନାରୀବାଦୀ ସାହିତ୍ୟ ସମ୍ପର୍କକୁ ପୁନଃପରିଭାଷିତ କରୁଛି। ତାମିଲ ଲେଖିକା ତାମିଲଚି ଥଙ୍ଗପାଣ୍ଡିଆନ ତାମିଲ ଏବଂ ଦ୍ରାବିଡ଼ଙ୍କ ଉପରେ ଆଲୋକପାତ କରିଥିଲେ। ଇଂଲିଶ ଲେଖିକା ଅନୁଜା ଚନ୍ଦ୍ରମୌଳି କହିଲେ, ନାରୀବାଦୀ ସାହିତ୍ୟ ଶତାବ୍ଦୀର ନୀରବତା ଏବଂ ବନ୍ଧନକୁ ଭାଙ୍ଗି ସାଂସ୍କୃତିକ ଦୃଶ୍ୟପଟକୁ ଗଭୀର ଭାବରେ ପ୍ରଭାବିତ କରିଛି। ହିନ୍ଦୀ ଲେଖିକା ମହୁଆ ମାଝୀ କହିଲେ, ମହିଳା ପ୍ରସଙ୍ଗ ଉପରେ ଆଲୋଚନା ପୁରୁଷ ବିରୋଧୀ ନୁହେଁ, ବରଂ ପୁରୁଷବାଦୀ ମୂଲ୍ୟବୋଧକୁ ତାହା ଆହ୍ୱାନ କରେ। ଇଂଲିଶ ଲେଖିକା ପ୍ରୀତି ସେନାୟ କହିଲେ, ଲେଖା ମାଧ୍ୟମରେ ନାରୀମାନେ ପୁନର୍ବାର ଶକ୍ତି ହାସଲ କରନ୍ତି। ପ୍ରତ୍ୟେକ ଶବ୍ଦ ଏବଂ ସ୍ୱର ସହିତ ବୃଦ୍ଧି ପାଉଥିବା ଏକ ନୀରବ ବିପ୍ଳବକୁ ଜନ୍ମ ଦିଅନ୍ତି, ସ୍ଥିତାବସ୍ଥାକୁ ଆହ୍ୱାନ କରନ୍ତି ଏବଂ ପରିବର୍ତ୍ତନକୁ ପ୍ରେରଣା ଦିଅନ୍ତି। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ନାରୀ ସାହିତ୍ୟର ସମୃଦ୍ଧି ଦିଗରେ ଏକାଡେମୀର କାର୍ଯ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। ନାରୀ ସାହିତ୍ୟର ପ୍ରୋତ୍ସାହନ ଓ ସ୍ୱରକୁ ସୁଦୃଢ କରିବା ପାଇଁ ଏକାଡେମୀର ପ୍ରତିବଦ୍ଧତା ସମ୍ପର୍କରେ ସେ କହିଥିଲେ। ପରେ ଦେବୀ ଅହଲ୍ୟାବାଈ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ ହିମାଂଶୁ ବାଜପେୟୀ ଓ ପ୍ରଜ୍ଞା ଶର୍ମା ଅହଲ୍ୟାବାଈ ଗାଥା ଉପସ୍ଥାପନ କରିଥିଲେ।